ପୁଣି ବନ୍ଦୀ

ଆଜ ୪ ତାରିଖ ଦିନ ୧୧ ଟା ବେଳେ ସେ ସତ୍ୟାଗ୍ରହ ଆଶ୍ରମରୁ ଆସୁଥିବା ବେଳେ ପୁଲିସ ସବ୍‌ଇନ୍‌ସପେକ୍ଟର ତାଙ୍କୁ ଗିରଫ କଲେ । ସେନାଲ କୋଡ଼ର ୧୧୭ ଦଫା ଓ ଲୁଣ ଆଇନର ୪ ଦଫାରେ ତାଙ୍କର ଗିରଫ୍ ହୋଇଛି । ସେ ଟାଉନ୍ ଥାନା ହାଜତରେ ଅଛନ୍ତି । ଆଜ ୪ଟା ବା ୫ଟା ବେଳେ ତାଙ୍କର ବିଚାର ଆରମ୍ଭ ହୋଇ ପୁଣି ତାରିଖ ହେବ । ସେ ଜାମିନ୍ ଦେଲେ ନାହିଁ ।

ଆଜ ୫ ଟା ବେଳେ ଶ୍ରୀଯୁକ୍ତ ବିଶୋଷମୋହନ ଭୁଞ୍ଜବାର ଗିରଫ୍ ହେଲେ ।

ଲୋକ ସେବକ ସମାଜ ସଦସ୍ୟ ଗିରଫ

ସ୍ୱର୍ଗୀୟ ଲାଲଲଜପତଙ୍କ ପ୍ରତିଷ୍ଠିତ ଲୋକ ସେବକ ସମାଜର ସଦସ୍ୟ ପଣ୍ଡିତ ବଳଦେବ ଚୌବେ ବାନପୁର ଠାରେ ଅନ୍ୟ ଜଣେ ସ୍ତ୍ରୀପୁରୁଷ କର୍ମୀଙ୍କ ସହିତ ଲୁଣ ଆଇନ ଅମାନ୍ୟ କରିବା ଅଭିଯୋଗରେ ଗ୍ରେପ୍ତାର ହୋଇଛନ୍ତି ।

ଗଞ୍ଜାମର ଦ୍ୱିତୀୟ ବାହିନୀ
ସତ୍ୟାଗ୍ରହୀଙ୍କ ସମର ଅଭିଯାନ

ବ୍ରହ୍ମପୁର ୩୦।୪।୩୦

(ଅମସମ୍ବାଦଦାତାଙ୍କଠାରୁ)

ଆଜ ସକାଳ ୨ ଟା ବେଳେ ଗଞ୍ଜାମର ଦ୍ୱିତୀୟ ସତ୍ୟାଗ୍ରହୀ ବାହିନୀ ସେନାପତି ନିରଞ୍ଜନଙ୍କ ନେତୃତ୍ୱରେ ଚୁମାଠାରେ ଲୁଣମାରିବାପାଇଁ ବାହାରିଲେ । ଏହି ଦଳରେ ୩୦ ଜଣ ସତ୍ୟାଗ୍ରହୀ ଅଛନ୍ତି । ସର୍ବପ୍ରଥମେ ବ୍ରହ୍ମପୁର ଗୋପୀନାଥ ଦେବାଳୟ ଠାରେ ସତ୍ୟାଗ୍ରହୀଙ୍କ ବିଜୟ କାମନାରେ ସ୍ତୋତ୍ରପାଠ ଓ ଆରତି ହେବା ପରେ ସେମାନଙ୍କୁ ପ୍ରସାଦ ଫୁଲମାଳା ଦିଆଯାଇଥିଲା । ଶଙ୍ଖ ଘଣ୍ଟା ସଂକୀର୍ତ୍ତନ କାହାଳୀ ରବରେ ଗଗନ ମୁଖରିତ ହୋଇ ଉଠୁଥିଲା । ବାଳବୃଦ୍ଧ ତରୁଣ ଯୁବକ ସମସ୍ତେ ସାଶ୍ରୁନୟନରେ ରଣଯାତ୍ରୀଙ୍କର ଆନ୍ତରିକ ଶୁଭକାମନା କରୁଥିଲେ । ଅସିକାର ଓକିଲ ଶ୍ରୀଯୁକ୍ତ ଘନଶ୍ୟାମ ଦାସ ଓ ଶ୍ରୀମତୀ ସରଳାଦେବୀ ଫୁଲମାଳ ଓ ସିନ୍ଦୁର ଦେଇ ସତ୍ୟାଗ୍ରହୀଙ୍କ ବନ୍ଦାପନା କଲା ପରେ ସମର ସଙ୍ଗୀତ ଗାନକରି ଯାତ୍ରୀଦଳ ଆନନ୍ଦ ନିବାସ, ଅନ୍ଧ୍ରଭୃତ୍ୟ ସମାଜ, ସ୍ୱରାଜଆଶ୍ରମ ଓ ବିଜୟପୁର ହୋଇ ଯାତ୍ରା କରିଥିଲେ । ବିଜୟପୁରଠାରେ ଜଣେ ବୃଦ୍ଧାଲୋକ ସତ୍ୟାଗ୍ରହୀମାନଙ୍କୁ ଅଭ୍ୟର୍ଥନା କରିଥିଲେ । ସେଠାରେ ସେମାନଙ୍କୁ ୧୪ ଟଙ୍କାର ଅଳିଟିଏ ଉପହାର ଦିଆଯାଇଥିଲା । ସତ୍ୟାଗ୍ରହୀ ଦଳ ଯେଉଁ ଲୁଗା ଉପରେ ଚାଲିଯାଇଥିଲେ ସେଥିର ପାଦଧୂଳି ଲୋକେ ନିଲାମ କରିଥିଲେ । ୧୪ ଟଙ୍କାରେ ଜଣେ ଭଦ୍ରଲୋକ ତାହା ନିଲାମ ଧରିଥିଲେ ।

ସମ୍ବଲପୁରରୁ ୬ ଜଣ

ସମ୍ବଲପୁରରୁ ଗତ ତା ୨୭ ରଖ ୬ ଜଣ ସତ୍ୟାଗ୍ରହୀ ବାଲେଶ୍ୱର ଆସିଛନ୍ତି । ଏଥି ମଧ୍ୟରେ ମୁଖିଆ ଶ୍ରୀଯୁକ୍ତ ଘନଶ୍ୟାମ ପାଣିଗ୍ରାହୀ ଜିଲା କମିଟିର ସଭାପତି । ଶ୍ରୀ ବନାୟକ ପାଢ଼ୀ ସମ୍ବଲପୁରର ଜଣେ ଜଣାଶୁଣା ଲୋକ । ଆଉ ଜଣେ ମାରୁଆଡ଼ ଯୁବକ ଏବଂ ୩ ଜଣ ପଦ୍ମପୁରରୁ ଆସିଛନ୍ତି । ଆସିଲାବେଳେ ଏମାନଙ୍କୁ ପଦ୍ମପୁର ଲୋକେ ଭାରି ସମ୍ବର୍ଦ୍ଧନା କରି ବିଦାୟ ଦେଇଥିଲେ ।

ଅଛୁତଙ୍କ ଶୁଦ୍ଧି

ଗତକାଲି ୨୮।୩।୩୦ ରଖ ପ୍ରାୟ ୨୦୦ ଲୋକଙ୍କ ଶୁଦ୍ଧି ହୋଇଛି । ତା ୨୮ ରଖ କୋଷ୍ଟମାନଙ୍କର ଶୁଦ୍ଧି ହେଲା । ଏମାନେ ମଦ, ଚୁରୁଟା ଇତ୍ୟାଦି ଛାଡ଼ିବେ ବୋଲି ଶପଥ କରି ମନ୍ତ୍ର ସେବନିଲେ । ତା ୨୯ ରଖ ଗଣ୍ଡମାନେ ମଧ୍ୟ ଏହିପରି ଶପଥ କରି ମନ୍ତ୍ର ନେଲେ । ସଚ୍ଚିଦାନନ୍ଦ ପରମହଂସ ବୋଲି ଜଣେ ଏ ଶୁଦ୍ଧି କରାଉଛନ୍ତି । ଏମାନେ ଜାତୀୟ ପତାକା ଉଡ଼ାଇ ଶବଦ ପିଛୁଥିଲେ ।

ବନ୍ଦୀଙ୍କୁ ହାତକଡ଼ି
କଟକ ଜେଲ୍ ଉପଦ୍ରବ

ପଅରଦିନ କଟକ ଜେଲ୍‌ରେ ଥିବା ସତ୍ୟାଗ୍ରହୀମାନଙ୍କ ମଧ୍ୟରୁ ବାବୁ ଗୁଣନିଧି ମହାନ୍ତି ପ୍ରମୁଖ [illegible] ଗୁଡ଼ିରେ ହାତକଡ଼ି ଦିଆଯାଇ ରଖାଗଲା । [illegible]ମାନେ ସରକାରଙ୍କୁ ସଲାମ ନକରୁ ଥିବାରୁ ଏପରି ଦଣ୍ଡ ଦିଆଯାଇଛି ବୋଲି [illegible] । [illegible] ଅନ୍ୟାନ୍ୟ ସଙ୍ଗୀ ବନ୍ଦୀମାନେ ଏଥିର ପ୍ରତିବାଦ କରି କାର୍ଯ୍ୟ ବନ୍ଦ କରିବାରୁ ସେମାନଙ୍କୁ ମଧ୍ୟ ହାତକଡ଼ି ଦିଆ ଯିବାର ଶୁଣା ଯାଏ ।

ଆଜ ସକାଳେ ବାଲେଶ୍ୱରରୁ ୬ ଜଣ ସତ୍ୟାଗ୍ରହୀ ବନ୍ଦୀ କଟକ ଜେଲ୍‌କୁ ଆସିଲେ । ସେମାନଙ୍କୁ ସବୁ ହାତକଡ଼ି ଦିଆଯାଇ ଥିଣା ଯାଇଥିଲା ।

ଓକିଲଙ୍କ ପ୍ରତିଜ୍ଞା

କଟକରେ ସ୍ୱଦେଶୀ

ଆଜ ସକାଳେ କଟକ ଓକିଲ ସଙ୍ଘର ଏକ ବୈଠକ ଓକିଲଖାନା ଠାରେ ହୋଇଥିଲା । ଶ୍ରୀଯୁତ ସୁଭାଷ ବାବୁଙ୍କ ବାପା ଶ୍ରୀଯୁତ ଜାନକୀନାଥ ବୋଷ ସଭାପତି ଆସନ ଗ୍ରହଣ କରିଥିଲେ । ଶ୍ରୀଯୁତ ଦୁର୍ଗାପ୍ରସନ୍ନ ଦାସଗୁପ୍ତ, ଶ୍ରୀଯୁତ ବିଶ୍ୱନାନନ୍ଦ ଦାସ, ମିଃ ସୁବାର୍ଦ୍ଦ, ବୀର କିଶୋର ଦାସ, ବ୍ରଜବନ୍ଧୁ ଦାସ, ପ୍ରମୁଖ ସକଳ ଓକିଲ ଉପସ୍ଥିତ ଥିଲେ । ଏଣିକି ଓକିଲମାନେ ସମସ୍ତେ ଖଦ୍ଦର ପିନ୍ଧିବା ପାଇଁ ଶ୍ରୀଯୁତ ନିତ୍ୟାନନ୍ଦ କାନୁନ୍‌ଗୋ, ପ୍ରସ୍ତାବ ଆଗତ କଲେ । ଏ ବିଷୟରେ ବିଶେଷ ଆଲୋଚନା ପରେ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହେଲା । ସ୍ଥିରହୋଇଛି ଯେ କାଲିଠାରୁ କୌଣସି ଓକିଲ କେବେ ହେଲେ ବିଲାତି ଲୁଗା ଛୁଇଁବେ ନାହିଁ । ସମସ୍ତେ ସ୍ୱଦେଶୀ ଲୁଗା ବିଶେଷରେ ଖଦି ଲୁଗା ବ୍ୟବହାର କରିବେ ।

ଦେଶର ବର୍ତ୍ତମାନ ଆନ୍ଦୋଳନ ପ୍ରତି ଓକିଲ ମାନଙ୍କର ପୂର୍ଣ୍ଣସହାନୁଭୂତି ଅଛି ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

(ବାଲେଶ୍ୱର) ଟ ୧୫/ ଜୋରିମାନା

ଗତ ୩୦ ତାରିଖ ଉପରଓକ୍ତ ପୋଲିସ ସ୍ୱଦେଶୀ-ଲୁଣ ଗୋଦାମରୁ ୧୩ ସେର ଲୁଣ ସହ ଲୁଣ ବିକୁଥିବା ଜଣେ ସତ୍ୟାଗ୍ରହୀଙ୍କୁ ଗିରଫକରି ନେଇଥିଲା । ଗତକାଲି ପହିଲା ତାରିଖରେ ତାଙ୍କର ବିଚାର ହୋଇ ଯାଇଛି । ହାକିମ ପ୍ରଥମେ ତାଙ୍କୁ ୩ ମାସ କାରାଦଣ୍ଡ ଓ ପଚାଶଟଙ୍କା ଜୋରିମାନା ନଦେଲେ ଆଉ ଅଧିକା ମାସେ ଜେଲ ଭୋଗିବାଲାଗି ହୁକୁମ ଦେଲେ ବୋଲି ଶୁଣାଗଲା । ସତ୍ୟାଗ୍ରହୀ ମନ ଖୁସିରେ ଜେଲଯିବା ଆଗରୁ ଗୋଟିଏ ଜଳଖିଆ ଦୋକାନରୁ ପାଣିମଦିଏ ପିଇଥିବାବେଳେ ପୁଣି ତାଙ୍କୁ ଭଲକରି କହିଲେ "ବିଚାରବେଳେ ତୁମେ ତ ଭୁଲାଇଥିଲ, କଣ ସତ୍ୟ ଦିଅଗଲା ଶୁଣିଲଟି"? ସତ୍ୟାଗ୍ରହୀ ଚୁପ ହୋଇ ଛିଡ଼ା ହୋଇଥାନ୍ତି । ହାକିମ ଚାହୁଁ ଜଣ ବିଚାର ଆଉ ଥରେ ରାୟ ଦେଲେ—ଟଙ୍କାଏ ଦଶଅଣା ଜୋରିମାନା ନୋହିଲେ ସପ୍ତାହେ ଯେଲ ।

ଜେଲଭିତର କଥା
ବନ୍ଦୀଙ୍କ ଦୁଃଖ ଦୁର୍ଦ୍ଦଶା

ଓଡ଼ିଶାରେ ବର୍ତ୍ତମାନ ସମେତ ୮୫ ଜଣ ଆଇନ ଅମାନ୍ୟ ଯୋଗୁଁ ଜେଲ ଗଲେଣି । ଶ୍ରୀଯୁତ ଗୋପବନ୍ଧୁ ଚୌଧୁରୀ, ହରେକୃଷ୍ଣ ମହତାବ, ଡାକ୍ତର କୃଷ୍ଣପ୍ରସାଦ ମହାନ୍ତି, ଆଚାର୍ଯ୍ୟ ହରିହର ଦାସ, ଜାନକୀରାମ କଲ୍ୟାଣୀ, ଶ୍ରୀଯୁତ ଗୋଲକନାଥ ରାୟ ହଜାରିବାଗ ବଦଳି ହୋଇଛନ୍ତି । ସେମାନଙ୍କୁ ପ୍ରଥମ ଶ୍ରେଣୀରେ ରଖାଯାଇ ସଫା ଚାଉଳ ମୁଠିଏ ଖାଇବାକୁ ଏବଂ ନିଜ ଲୁଗା ପିନ୍ଧିବାକୁ ଦିଆ ଯାଉଛି ।

ଶ୍ରୀଯୁତ ବ୍ରଜକୃଷ୍ଣ ବୋଷ ଓ ଶ୍ରୀଯୁତ ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କୁ ଦ୍ୱିତୀୟ ଶ୍ରେଣୀରେ ରଖାଯାଇ କିଏପ୍ସ ପୋଷାକ ଦିଆ ଯାଇଛି ।

ଶ୍ରୀଯୁତ ଯଦୁମଣି ମଙ୍ଗରାଜ, ଗୁଣନିଧି ମହାନ୍ତି, ସୁରେନ୍ଦ୍ରନାଥ ଦାସ, ମଥୁରାମୋହନ ବେହେରା, ମୁରାରି ଶିପାଠୀ, ସୁଦର୍ଶନ ପ୍ରହରାଜ, ଦାମୋଦର ଜେନା, ବିନୋଦ ଚୌଧୁରୀ, ପ୍ରଭୃତି ଅନ୍ୟାନ୍ୟ ବନ୍ଦୀମାନେ ସାଧାରଣ ଗେରୁ ଉଡ଼ାୟୁତଙ୍କ ପରି ବ୍ୟବହାର ପାଉଛନ୍ତି ।

କଏଦୀମାନଙ୍କୁ ସକାଳୁ ଜେଲ ସାହାବ ଆସିଲାବେଳେ ଗୋଡ଼ ପୋଡ଼ି ଠିଆ ହୋଇ ଦାନ୍ତ ଦେଖାଇ ଭୁଲ ହାତକୁ ଟେକି ସରକାରଙ୍କୁ ସଲାମ ବୋଲି କହିବାକୁ ପଡ଼େ । ଜେଲ କମିଟି ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଏପରି ଅପମାନ ସୂଚକ ବ୍ୟବହାର ଉଠିଯାଉ ବୋଲି ପ୍ରସ୍ତାବ କରିଥିଲେ । କଟକ ଜେଲରେ ବାବୁ ମଥୁରାମୋହନ ବେହେରା ଏ ଅପମାନ ସହ୍ୟ କରିବାକୁ ନାରାଜ ହେବାରୁ ବଳ ପ୍ରୟୋଗ କରାଯାଇ ତାଙ୍କୁ ଜବରଦସ୍ତି ହାତ ଟେକାଇ ଗୋଡ଼ ପୋଡ଼ାଇ ଶାସ୍ତି ଦିଆଯାଇ ଥିଲା । ଜେଲର ବାବୁ ନିଜ ପୋଡ଼ାରେ ତାଙ୍କ ଗୋଡ଼ରୁ ଦଳି ଦେଇଥିବା ସମ୍ବାଦ ମିଳେ । [illegible] ଏ ବିଷୟ ଅନୁସନ୍ଧାନ କରିବା ପାଇଁ ସାଧାରଣରେ କେତେକ ଦାବୀ କରିଛନ୍ତି ।

ଅଧିକାଂଶ ବନ୍ଦୀଙ୍କୁ କଡ଼ା ପିଟା ଓ କଡ଼ା ବଳିବା କାମ ଦିଆ ଯାଇଛି । ଶ୍ରୀଯୁତ ଯଦୁମଣି ମଙ୍ଗରାଜ ଓ ବାବୁ ଗୁଣନିଧି ମହାନ୍ତିଙ୍କୁ ଘଣା ପେଲିବା ପାଇଁ ଦିଆ ଯାଇଥିଲା । ପୁଣି କଣ ହେଲା, ଘଣା କାମ ନ ଦେଇ ସେହି କଡ଼ା କାମ ଦେଇଛନ୍ତି ।

ଚାରିଆଡ଼ ଅନ୍ଧାରରେ ବୁଡ଼ିଲା

କଲିକତା, ଦିଲ୍ଲୀ, ଲାହୋର ପ୍ରଭୃତି ସ୍ଥାନରେ ଖବରକାଗଜ ବନ୍ଦ

ଛାପାଖାନା ଆଇନର ଘୋର ପ୍ରତିବାଦ

ସରକାରର ନୂଆ ଛାପାଖାନା ଆଇନ ଜାରି ଫଳରେ ଦେଶ ଦିନକୁ ଦିନ ଅନ୍ଧକାରରେ ବୁଡ଼ିବାକୁ ଲାଗିଲା । ଯେଉଁ ଖବରକାଗଜକୁ ସରକାର ଜାମିନ ମାଗୁଛନ୍ତି ସେମାନେ ସମସ୍ତେ ଏକମେଳ ହୋଇ ଜାମିନ ଦେଉ-ନାହାନ୍ତି, ତହିଁର ପ୍ରତିବାଦ ସ୍ୱରୂପ ଖବରକାଗଜ ସବୁ ବନ୍ଦ କରିଦେଉଛନ୍ତି । ଲୋକସାଧାରଣଙ୍କୁ ଘୋର ଅନ୍ଧକାରରେ ରଖିବାପାଇଁ ସରକାରର ଏ ଚେଷ୍ଟା । ଏହା ଫଳରେ ଦେଶର ସବୁ ଦଳର ଲୋକେ ତେଜ ଉଠୁଛନ୍ତି ।

ଦେଶାନ୍ତଙ୍କ ସତର୍କ ବାଣୀ

ଶ୍ରୀମତୀ ଆନିବେଶାନ୍ତ ବମ୍ବାଇର କଂଗ୍ରେସରୁ ଅଲଗା ହୋଇ କାର୍ଯ୍ୟ କରନ୍ତି । ସେ ଏ ଆଇନ ଫଳରେ ଉତ୍ତେଜିତ ହୋଇ ସରକାରକୁ ଧମକ ଦେଇଛନ୍ତି, "ଚଞ୍ଚଳ ପ୍ରେସ ଆଇନ ଉଠାଇଦେଇ ଗୋଲଟେବୁଲ ବୈଠକ ବସାଇବା ଆବଶ୍ୟକ । ସାତ ସମୁଦ୍ର ପରପାରରେ ଥିବା ଏକ କ୍ଷୁଦ୍ର ଦ୍ୱୀପ ଭାରତକୁ ଦବାଇ ରଖିପାରିବ ନାହିଁ । ଇଂଲଣ୍ଡ ଭାରତର ପଙ୍ଗୁ ଶାସନ ପଦ୍ଧତି ନଷ୍ଟ କରିଦେଇଛି । ଏହାଦ୍ୱାରା ଭାରତର ଘୋର କ୍ଷତି ହୋଇଛି । ଏତେବେଳେ ସ୍ୱାଧୀନ ଜାତି ସଦସ୍ୟ ଅଂଶୀଦାରରୂପେ ଭାରତକୁ ସ୍ୱାୟତ୍ତଶାସନ ଦେଇ ବିଲାତ କଣ ତାର କର୍ତ୍ତବ୍ୟର ପରିଚୟ ଦେବ ନାହିଁ ?"

ଅନ୍ଧକାରମୟ ଲାହୋର

ଲାହୋରର ୨ ଗୋଟି ଦୈନିକ ଓ ସାପ୍ତାହିକ ଖବରକାଗଜ ବନ୍ଦ ହୋଇଛି । ଲୋକେ କିଛି ଖବର ପାଉ ନାହାନ୍ତି । ସବୁ ଖବରକାଗଜ ହରତାଳ କରିବା ପାଇଁ ଏକ କମିଟି ମଧ୍ୟ ଗଢ଼ା ଯାଇଛି । ପହିଲା ତାରିଖରେ ଦେଶୀ ଭାଷା ପତ୍ରିକା ସମ୍ପାଦକମାନଙ୍କର ଏକ ସଭା ହୋଇଥିଲା । ସେହି ସଭାରେ ସ୍ଥିର ହୋଇଛି ଯେ ପ୍ରେସ ଆଇନ ଅନୁସାରେ ଜାମିନ ଟଙ୍କା ମାଗିଲେ କେହି ଦେବେ ନାହିଁ, ଯେତେ ବିପଦ ପଡ଼ିବ ସବୁ ମୁଣ୍ଡାଇବେ ।

ମହାତ୍ମାଜୀ କହିଛନ୍ତି

ପ୍ରେସ ଆଇନ ପ୍ରତିବାଦରେ ଦିଲ୍ଲୀ ପତ୍ରିକା ସବୁ ବନ୍ଦ କରିଦେଇଥିବାରୁ ମହାତ୍ମାଜୀ କହିଛନ୍ତି, "ଦିଲ୍ଲୀ ସମ୍ବାଦପତ୍ରମାନଙ୍କର ଏ ସାହସ ଦେଖି ମୁଁ ବଡ଼ ଖୁସି ହୋଇଛି । ଏହି ସବୁ ପତ୍ରିକା ଆଇନ ମାନି ଜାମିନ ଦେଇଥିଲେ ଫଳ ଭୟଙ୍କର ହୋଇଥାନ୍ତା । ଜାମିନ ଦେଇ କାଗଜ ଚଳାଇବାପାଇଁ ଏହି ଯେଉଁ ଅସମ୍ମତି ଏହା ସ୍ଥାୟୀ ହେବ ବୋଲି ମୁଁ ଆଶାକରେ । ଅନ୍ୟାନ୍ୟ ସ୍ଥାନର ଖବରକାଗଜ ସବୁ ଦିଲ୍ଲୀ ପତ୍ରିକା ଏବଂ ସମ୍ପାଦକମାନଙ୍କର ପଥ ଅନୁସରଣ କରିବେ ବୋଲି ଆଶା କରୁଛି ।"

ଦିଲ୍ଲୀରେ ଘୋର ପ୍ରତିବାଦ

ଦିଲ୍ଲୀ ଛାପାଖାନା ଓ ସମ୍ବାଦପତ୍ର ସଙ୍ଘର ସଭାପତି ଶ୍ରୀଯୁତ ଜେ, ଏନ୍, ମହାନ୍ତି ଗତ ୩୦ ତାରିଖରେ ସହରର ସବୁ ଛାପାଖାନା କର୍ମଚାରୀ, ସଂପାଦକ ଓ ଅନ୍ୟାନ୍ୟ ଲୋକଙ୍କୁ ନେଇ, କଳା ପତାକା ଉଡ଼ାଇ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ । ଶୋଭାଯାତ୍ରୀ ଦଳ ଦିଲ୍ଲୀ ସହରର ଅନେକ ଗଳି ବୁଲିଥିଲେ । ଶେଷରେ ଗୋଟିଏ ସାଧାରଣ ସଭା ହେଲା । ସେହି ସଭାରେ ପ୍ରେସ ଆଇନର ଘୋର ପ୍ରତିବାଦ କରାଗଲା । ହାଇଦ୍ରାବାଦର ରାଜା ବହାଦୁରଦିନ ପ୍ରସ୍ତାବ ଆଗତ କଲେ ଯେ ଦିଲ୍ଲୀ ସଂବାଦପତ୍ର ସଙ୍ଘ ଆଦୌ ଜାମିନ ଟଙ୍କା ନ ଦିଅନ୍ତୁ । ମିଃ ଅନସାରି ପ୍ରସ୍ତାବକୁ ସମର୍ଥନ କରିଥିଲେ । ମୌଲବୀ ତାଜ ଉଦ୍ଦିନ ପ୍ରସ୍ତାବ କଲେ ଯେ ସହରର କୌଣସି ଲୋକ ବାହାରର ଖବରକାଗଜ ପଢ଼ିବା ଉଚିତ ନୁହେ । ସହରରେ ଖବରକାଗଜ ନ ଥିବାରୁ ଅସନ୍ତୁଷ୍ଟ ବକ୍‌ରିଦ୍ ଉତ୍ସବରେ ନାନାପ୍ରକାର ଜନରବ ହୋଇପାରେ । ସେଥିରେ ହିନ୍ଦୁ ଭାଇମାନେ ଯେପରି ବିଚଳିତ ନ ହୁଅନ୍ତି । ସହରରେ ଖବରକାଗଜ ବିକିବାବାଲାଙ୍କୁ ବାହାରର ଖବରକାଗଜ ସବୁ ବିକିବାକୁ ମନାକରାଯାଇଛି ।

ହିନ୍ଦୁ ମୁସଲମାନ ଏକତା

ପ୍ରେସ ଆଇନ ଜାରି ଫଳରେ ଦିଲ୍ଲୀରେ ହିନ୍ଦୁ ମୁସଲମାନ ଏକତା ବଢ଼ିଛି । ସମ୍ବାଦପତ୍ର ମହାତ୍ମା କହୁଛନ୍ତି, "ଲୋକଙ୍କ ମନକୁ ଅନ୍ଧାରରେ ବୁଡ଼ାଇ ରଖିବାକୁ ସରକାର ମନେକରୁଛି । କିନ୍ତୁ ଏଥିରେ ସରକାରର ଘୋର କ୍ଷତି ହେବ । ସେ ଘୋର ଅସୁବିଧାରେ ପଡ଼ିବା ଏତେବେଳେ ହିନ୍ଦୁ ମୁସଲମାନ ଭାଇ ଭାଇ ପରି ମିଳିଯିବା ଦରକାର । ହିନ୍ଦୁମାନଙ୍କୁ ଲକ୍ଷ୍ୟ କରି ସେ କହୁଛନ୍ତି, ସ୍ୱରାଜ ବ୍ୟତୀତ ସେମାନେ ଗୋମାତାଙ୍କୁ ରକ୍ଷା କରିପାରିବେ ନାହିଁ । ହିନ୍ଦୁ ପକ୍ଷରୁ ସେ ମୁସଲମାନଙ୍କୁ କହୁଛନ୍ତି, ଧର୍ମାନୁମୋଦିତ ହେଲେ ମୁସଲମାନମାନେ ଗୋବଧ କରିପାରନ୍ତି, ସେଥିରେ ହିନ୍ଦୁମାନେ ଆପତ୍ତି କରିବେ ନାହିଁ ।" ସେ ବ୍ୟକ୍ତିଗତ ଭାବରେ କହୁଛନ୍ତି, ଆସନ୍ତା ବକ୍‌ରିଦ୍ ସମୟରେ ସେ ଗୋଟିଏ ଗାଈ ନେଇ ଜୁମାମସ୍‌ଜିଦଠାରେ ମୁସଲମାନ ଭାଇମାନଙ୍କୁ ଦେଖିବେ । ସେମାନେ ସେ ଗାଈକୁ ରକ୍ଷା କରିବେ କି ବଧ କରିବେ ତାହା ସେମାନଙ୍କର ଧର୍ମ ବୁଦ୍ଧି ଉପରେ ନିର୍ଭର କରେ ।

କଲିକତାରେ ଚହଳ

ଗତ ପହିଲା ତାରିଖରେ ସରକାରର ନୂଆ ଛାପାଖାନା ଆଇନର ପ୍ରତିବାଦ କରିବାପାଇଁ କଲିକତା ଖବରକାଗଜ ଓ ଛାପାଖାନା ପରିଚାଳକମାନଙ୍କର ଏକ ସଭା ହୋଇଥିଲା । 'ପ୍ରବାସୀ' ଓ 'ମଡ଼ର୍ଣ୍ଣ ରେଭ୍ୟୁ'ର ସୁଯୋଗ୍ୟ ସଂପାଦକ ଶ୍ରୀଯୁତ ରାମାନନ୍ଦ ଚାଟର୍ଜି ଏଥିର ସଭାପତି ହୋଇଥିଲେ । ସଭାରେ ପ୍ରସ୍ତାବ ଗୃହୀତ ହୋଇଛି ଯେ ଭାରତରେ ଛାପାଖାନା ଓ ଖବରକାଗଜ ମାନଙ୍କର ଯାହା କିଛି ଟିକିଏ ସ୍ୱାଧୀନତା ଥିଲା ଏହି ଛାପାଖାନା ଆଇନ ସେ ସବୁକୁ ଭାଙ୍ଗିଛି । ବର୍ତ୍ତମାନ ଯେଉଁ ସବୁ ଖବରକାଗଜ ଏହି ଆଇନକୁ ସମର୍ଥନ କରୁଛନ୍ତି ଭାରତର ଜନସାଧାରଣ ସେ ସବୁ ଖବରକାଗଜକୁ ବର୍ଜନ କରନ୍ତୁ । ଏ ଦେଶର ଲୋକେ ସେ ସବୁ ଖବରକାଗଜରେ ଆଉ କୌଣସି ବିଜ୍ଞାପନ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରକାରନ୍ତରେ କୌଣସିପ୍ରକାର ହେଲେ ସାହାଯ୍ୟ କରନ୍ତୁ ନାହିଁ । ଏ ପର୍ଯ୍ୟନ୍ତ ଯେଉଁ ସବୁ ଖବରକାଗଜ ଏହି ଅନ୍ୟାୟ ଆଇନ ଫଳରେ ଜାମିନ ନ ଦେଇ ଖବରକାଗଜ ସବୁ ବନ୍ଦ କରିଦେଇଛନ୍ତି ସେମାନଙ୍କ କାର୍ଯ୍ୟକୁ ଏ ସଭା ସମର୍ଥନ କରୁଛନ୍ତି । ଏହି ଅନ୍ୟାୟ ଆଇନ ଲୋପ ନ ହେଲାଯାଏଁ, ଭାରତୀୟ ସଂବାଦପତ୍ର ପରିଚାଳକମାନଙ୍କର ଏକ ବୈଠକରେ ପନ୍ଥା ସ୍ଥିର ସିଦ୍ଧାନ୍ତ ନ ହେଲାଯାଏଁ ବଙ୍ଗଳାର ସକଳ ଭାରତୀୟ ଖବରକାଗଜ ସେମାନଙ୍କ ପ୍ରକାଶ ବନ୍ଦ କରିଦିଅନ୍ତୁ । ଏହିପରି ଏକ ସଭା ବସାଇବାପାଇଁ ବମ୍ବେ କ୍ରନିକଲ୍ ଖବରକାଗଜର ସଂପାଦକ ଯେ ଉଦ୍ୟମ କରିଛନ୍ତି ଏହି ସଭା ତାହା ସମର୍ଥନ କରୁଛନ୍ତି, ଏବଂ ଯେଉଁ ସବୁ ଖବରକାଗଜ ସେମାନଙ୍କ ପ୍ରକାଶ ବନ୍ଦ କରୁନାହାନ୍ତି ସେମାନଙ୍କୁ ଲୋକମାନେ ବର୍ଜନ କରନ୍ତୁ ସ୍ଥିର କରିଛନ୍ତି ।

ଏହି ସବୁ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବାପାଇଁ ଗୋଟିଏ କମିଟି ଗଢ଼ାଯାଇଛି । ଏଥିରେ ଲିବର୍ଟି, ଅମୃତବଜାର, ଆନନ୍ଦବଜାର, ମୁସଲମାନ, ମହାରଥୀ ପ୍ରଭୃତି ପତ୍ରିକାର ପ୍ରତିନିଧିମାନେ ମେମ୍ବର ଅଛନ୍ତି ।

ବିଚାର ସଭା ବସିବ

ଆସନ୍ତା ୧୫ ଦିନ ମଧ୍ୟରେ ପ୍ରୟାଗ ବା ଏଲାହାବାଦଠାରେ ଭାରତୀୟ ସଂବାଦପତ୍ର ସେବୀମାନଙ୍କର ଏକ ବିଚାର ବୈଠକ ବସିବ । ଛାପାଖାନା ଆଇନକୁ ଉପରଭାବରେ ରଦ କରାଯାଇପାରିବ ସେଠାରେ ତାହା ବିଚାର କରାଯିବ ।

ପଞ୍ଜାବ

ପଞ୍ଜାବର ଟ୍ରିବ୍ୟୁନ୍, ମିଲାପ, ବନେମାତରମ୍, ସ୍ୱରାଜ, ଜମିଦାର ପ୍ରଭୃତି ବଡ଼ ବଡ଼ ଖବରକାଗଜ ଉପରେ ଛାପାଖାନା ଆଇନ ଜାରି ହେଉଛି ।

ପୁଣି ଅଡ଼ିନାନ୍ସ

ପ୍ରେସ ଅଡ଼ିନାନ୍ସ ଜାରିକରି ସାର ବଜଲଙ୍ଗ ଲାହୋର ପତ୍ରସମ୍ବାଦ ସମ୍ପାଦକ ଶୀଘ୍ର ବିଚାର ପାଇଁ ପୁଣି ଏକ ଅଡ଼ିନାନ୍ସ ଜାରି କରିଛନ୍ତି । ସେହି ଅଡ଼ିନାନ୍ସରେ ଅଛି ଯେ ପଞ୍ଜାବର ଚିଫ୍ ଜଷ୍ଟିସ୍ ଏବଂ ଆଉ ଜଣେ ଜଣେ ବିଚାରକ ଦ୍ୱାରା ଏକ ସ୍ପେଶାଲ ଟ୍ରିବ୍ୟୁନାଲ ଗଢ଼ାଯାଇ ମକଦମାର ଚାଞ୍ଚଲ ନିଷ୍ପତ୍ତି କରାଯିବ । ଲୋକ କହୁଛନ୍ତି ଯେ ଏ ମକଦମା ବହୁତ ଦିନ ପଡ଼ିରହିଲା । ଆପାମୀମାନେ ବରାବର ଜେଲରେ ରହି ଗୋଳମାଳ କରୁଛନ୍ତି, ଉପବାସ ରହୁଛନ୍ତି । ଆସାମୀ ୨୪ ଜଣଙ୍କ ମଧ୍ୟରୁ ୫ ଜଣ ଆଦାଲତ ମିଳନାହାନ୍ତି । ସମ୍ପର୍କ ସାହାବଙ୍କୁ ହତ୍ୟା କରିଥିବା ଏମାନଙ୍କ ଉପରେ ଅଭିଯୋଗ । ଚାଞ୍ଚଲ ଏମାନଙ୍କର ବିଚାର କରି ଦେଇ ସବୁ ଶେଷ କରିଦେବା ଦରକାର । ଏ ମାମଲା ଏପରି ଚାଞ୍ଚଲ ବିଚାର ହୋଇଗଲେ ଆଇନ ପ୍ରତି ଲୋକଙ୍କର ଶ୍ରଦ୍ଧା ବଢ଼ିବ ।

କଲିକତାକାଗଜବନ୍ଦ
ଜାମିନ ପାଇଁ ନୂଆ ଅର୍ଡିନାନ୍ସ ଜାରି

ସରକାର